# Akashvani, Sambalpur

# SAMBALPURI NEWS EVENING BULLETIN

# 10 May 2026-7.02- 7.12 pm.

---

୧- ଗୁଜୁରାଟ୍ ନ ସୋମ୍‌ନାଥ୍ ଅମୃତ୍ ପର୍ବ-୨୦୨୬ ପାଲନ୍ ଅବ୍‌ସରେ ଆଏବା କାଏଲ୍ ଯୋଗ୍ ଦେବେ ପ୍ରଧାନ୍‌ମନ୍ତ୍ରୀ ।

୨- ଦେଶେ ସମ୍ଭାବ୍ୟ ବନ୍ୟା ଆଉ ଗ୍ରୀଷ୍ମପ୍ରବାହ ଥିତିର୍ ମୁକାବିଲାକେ ନେଇକରି ଆଏଜ୍ ନୂଆଦିଲ୍ଲୀ ନ ସମୀକ୍ଷା କରିଛନ୍- ସ୍ୱରାଷ୍ଟ୍ରମନ୍ତ୍ରୀ ।

୩- ସମ୍ବଲ୍‌ପୁର୍ ଠାନେ ଶହେ ୯୪ କୋଟି ଟଙ୍କା ଖର୍ଚ୍ଚାଥି ୪୮ ଟା ବିକାଶ୍‌ମୂଳକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍‌ର ଭୂମିପୂଜନ୍ କାର୍ଯ୍ୟକ୍ରମ୍‌ଥି ଦେଲେ ଯୋଗ୍ ।

ଆଉର୍

୪- ମାତୃଶକ୍ତିର୍ ତ୍ୟାଗ ଆଉ ବଳିଦାନ୍‌କେ ସୁର୍‌ତା କରିକରି ଆଏଜ୍ ପାଳନ୍ କରାଯାଉଛେ ବିଶ୍ୱ ମାତୃ ଦିବସ୍ ।

ସୋମ୍‌ନାଥ୍ ଅମୃତ୍ ପର୍ବ        ଏନ୍‌ଏସ୍‌ଡି

ଗୁଜୁରାଟ୍ ନ ଥିବା ସୋମ୍‌ନାଥ୍ ମନ୍ଦିର୍ ଫେର୍‌ଘାଏ ତିଆର୍ ହେବାର୍ ୭୫ ବଛର୍ ପୂର୍ତି ଅବ୍‌ସରେ ସୋମ୍‌ନାଥ୍ ଅମୃତ୍ ପର୍ବ ୨୦୨୬ ପାଲନ୍ କରାଯାଉଛେ । ୫ ଦିନ୍ ଧରିକରି ହେବାର୍‌କେ ଥିବା ଇ ଉସ୍ଵବ୍ ମନ୍ଦିର୍‌ର ଐତିହାସିକ୍ ଗୁରୁତ୍ଵ ଆଉ ସ୍ଥାୟୀ ଐତିହ୍ୟକେ ଦର୍ଶଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସୋମ୍‌ନାଥ୍ ମନ୍ଦିର୍ ଗସ୍ତଥି ଯିବେ । ୧୦୨୬ ମସିହାଥି ସୋମ୍‌ନାଥ୍ ମନ୍ଦିର୍ ଉପ୍‌ରେ ପହେଲାଥର୍ ଲାଗି ଆକ୍ରମଣ୍ କରାଯାଇଥିଲା । ଇ ବଛର୍ ତାହାକେ ହଜାରେ ବରସ୍ ପୁରିଛେ । ୧୯୫୧ ମସିହାଥି ସୋମ୍‌ନାଥ୍ ମନ୍ଦିର୍ ଫେର୍‌ଘାଏ ଖୁଲାଯାଇଥିଲା । ଚଲ୍‌ତିବଛର୍ ତାର୍ ୭୫ ନମ୍ବର୍ ବାର୍ଷିକୀ ପାଲନ୍ କରାଯାଉଛେ । ଦେଶର୍ ପହେଲା ରାଷ୍ଟ୍ରପତି ଡକ୍ଟର୍ ରାଜେନ୍ଦ୍ର ପ୍ରସାଦ୍ ସେ ସମିଆଥି ଇଟାକେ ଦେଶ୍ ଉଦ୍ଦେଶ୍ୟଥି ଉସ୍ବର୍ଗ କରିଥିଲେ । ଭଗବାନ୍ ଶିବଙ୍କର୍ ୧୨ ଟା ଆଦି ଜ୍ୟୋର୍ତିଲିଙ୍ଗ ଭିତ୍‌ରୁ ପହେଲା ଜ୍ୟୋର୍ତିଲିଙ୍ଗ ହିସାବେ ସୋମ୍‌ନାଥ୍ ମନ୍ଦିର୍ ଗୁଟେ ପବିତ୍ର ଜାଗାର୍ ମାଏନ୍‌ତା ପାଇଛେ ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର ଲିଙ୍ଗରାଜ୍ ମନ୍ଦିର୍ ଠାନେ ସୋମ୍‌ନାଥ୍ ସ୍ୱାଭିମାନ୍ ପର୍ବ କାର୍ଯ୍ୟକ୍ରମ୍ ଆଏବାକାଏଲ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଅମିତ୍ ଶାହା -ସମୀକ୍ଷା ବୈଠକ୍ ଏନ୍‌ଏସ୍‌ଡି

ଦେଶେ ସମ୍ଭାବ୍ୟ ବନ୍ୟା ଆଉ ଗ୍ରୀଷ୍ମପ୍ରବାହ ଥିତିର୍ ମୁକାବିଲା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନୂଆଦିଲ୍ଲୀ ନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ନ ପ୍ରସ୍ତୁତି କାମ୍‌ର ସମୀକ୍ଷା କରିଛନ୍ । ବୈଠକ୍ ସମିଆଥି ଶ୍ରୀ ଶାହା କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ସଂସ୍ଥାର୍ ପ୍ରସ୍ତୁତି, ପ୍ରାକ୍ ସତର୍କତା ବ୍ୟବସ୍ଥା, ସମ୍ବଳ ଉପଯୋଗ୍ ଆଉ ଆନ୍ତଃସଂଗଠନ୍ ସହଯୋଗ୍ ବାଗିର୍ ବିଷେ ମାନ୍‌କର୍ ଉପ୍‌ରେ ଆଲୋଚନା କରିଛନ୍ । ଖାସ୍ କରି ବୈଠକ୍‌ଥି ଯେନ୍ତା ଧନ୍‌ଜୀବନ୍ ନୁକ୍‌ସାନ୍ ନାଇଁ ହେବା ସେତାର୍ ଉପ୍‌ରେ ଜୋର୍ ଦେଇଛନ୍ । ଶ୍ରୀ ଶାହା ଦେଶେ ଦୀର୍ଘକାଳୀନ ବନ୍ୟା ରୁକ୍‌ବାର୍

ପଦକ୍ଷେପ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କର୍‌ବାର୍ ସହେତେ ନଦୀ ପରିଚାଳନା ପଦକ୍ଷେପ୍ ଜରୁରୀ ଭିତିଭୂମି ପ୍ରକଳ୍ପର୍ ସୁରକ୍ଷା ଆଉ ପାଣିପାଗ୍ ପୂର୍ବାନୁମାନ୍‌ର ବୈଜ୍ଞାନିକ୍ ଅଗ୍ରଗତି ବାବ୍‌ଦେ ଭିଲ୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ଶ୍ରୀ ଶାହା ବିପର୍ଯ୍ୟୟ ସମିଆଥି ସଚେତନତା ଆଉ ଜରୁରୀ ରିଲିଫ୍ ବଂଟନ୍ ଆଉ ମେଡ଼ିକାଲ୍ ପ୍ରସ୍ତୁତି ବାବ୍‌ଦେ ଭିଲ୍ ଆଲୋଚନା କରିଛନ୍ ।

ବିଜୟ ଶପଥ୍ ଗ୍ରହଣ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଟିଭିକେ ମୁଖ୍ୟ ସି ଜୋଶେଫ୍ ବିଜୟ ଆଏଜ୍ ତାମିଲ୍‌ନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେଇଛନ୍ । ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ସଖାଲର୍ ୧୦ ବଜେ ହେଇଥିବା ଶପଥ୍ ଗ୍ରହଣ୍ ସମାରୋହଥି ରାଜ୍ୟପାଲ୍ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର୍ ଶ୍ରୀ ବିଜୟଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍ । ତାକର୍ ସହେତେ ୯ ଝନ୍ ମନ୍ତ୍ରୀ ଭାବେ ଶପଥ୍ ନେଇଛନ୍ । ଆସାମ୍ ବିଜେପିର ନୂଆଁକରି ନିର୍ବାଚିତ ବିଧାୟକ୍

ଦଲ୍ ବୈଠକ୍‌ଥି ଡକ୍ଟର୍ ହିମନ୍ତ ବିଶ୍ୱଶର୍ମାଙ୍କୁ ନେତା ଭାବେ ନିର୍ବାଚିତ କରାଯାଇଛେ । ଏନ୍‌ଡିଏ ବିଧାୟକ୍ ଦଲର୍ ବୈଠକ୍‌ଥି ଭିଲ୍ ଡକ୍ଟର୍ ବିଶ୍ୱଶର୍ମା ନେତା ଭାବେ ମନୋନୀତ୍ ହେଇଛନ୍ । ଦୁହି ବୈଠକ୍‌ଥି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍ ଭାବେ ବରିଷ୍ଠ ବିଜେପି ନେତା ଜଗତ୍ ପ୍ରକାଶ୍ ନଡ୍ଡା ଆଉ ସହପର୍ଯ୍ୟବେକ୍ଷକ୍ ଭାବେ ନାୟେବ୍ ସିଂ ସାଇନି ଉପସ୍ଥିତ୍ ଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍- ସମ୍ବଲ୍‌ପୁର୍ ଗସ୍ତ         ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ନାକଟିଦେଉଲ୍, ରେଢ଼ାଖୋଲ ଆଉ ଝୁଝୁମୁରା ବ୍ଲକ୍‌ର ବିକାଶ୍ ଲାଗି ଶହେ ୯୪ କୋଟି ଟଙ୍କା ଖର୍ଚ୍ଚାଥି ୪୮ ଟା ବିକାଶ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ । ପର୍ଯ୍ୟଟନ୍ ଆଉ ଐତିହ୍ୟର୍ ବିକାଶ୍‌କେ ଜୋର୍ ଦେଇକରି ନାକଟିଦେଉଲ୍ ବ୍ଲକ୍‌ର ଭୀମମଣ୍ଡଲୀ ଇକୋ ହେରିଟେଜ୍ ସାଇଟ୍‌ର ଭୂମିପୂଜନ୍ କାର୍ଯ୍ୟକ୍ରମ୍‌ଥି ଶ୍ରୀ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ୧୦

ହଜାର୍ ବଛର୍‌ନୁ ଅଏତ୍‌କା ପୁର୍‌ନା ରକ୍ ଆର୍ଟ ଆଉ ପ୍ରସ୍ଥର ଯୁଗ ଉପକରଣ୍ ଥିବା ଐତିହାସିକ୍ ସ୍ଥଲୀକେ ଅନ୍ତର୍ଜାତୀୟ ପର୍ଯ୍ୟଟନ୍ ମାନଚିତ୍ରଥି ଠାନ୍ ଦେବାର୍ ସହେତେ ଏଏସ୍‌ଆଇ ମାନ୍ୟତା ଲାଗି ଚେଷ୍ଟା ଜାରି ରହିଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇ ଐତିହ୍ୟ ସ୍ଥଲୀର୍ ବିକାଶ୍ ଲାଗି ପାଖାପାଖି ୮ କୋଟି ୩୦ ଲାଖ୍ ନୁ ଅଏତ୍‌କା ଟଙ୍କା ଅନୁମୋଦନ୍ ହେଇଛେ । ପର୍ଯ୍ୟଟନ୍ ସ୍ଥଲୀର୍ ବିକାଶ୍ କାମ୍ ହିସାବେ ପ୍ରବେଶ୍ ପଥ, ପୁଲିଆ, ଭ୍ୟୁ ପଏଂଟ୍ ଆଉ ସୌରଶକ୍ତି ବ୍ୟବସ୍ଥା, ଅତ୍ୟାଧୁନିକ୍ ସୁବିଧା ଆଉ ବିଶ୍ରାମ୍‌ଘର୍ ତିଆର୍ କରାଯିବା । ନାକ୍‌ଟିଦେଉଲ୍ ଅଂଚଲ୍‌ର ଲୋକ୍‌ମାନ୍‌କର୍ ସୁବିଧା ଲାଗି କମ୍ୟୁନିଟି ହେଲ୍‌ଥ ସେଂଟର୍‌ର ନୂଆଁ ଭବନ୍ ଆଉ ଯୁବ ଖେଲାଲିମାନ୍‌କୁ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ଗୁଟେ ମିନିଷ୍ଟାଡ଼ିୟମ୍ ତିଆର୍ କର୍‌ବାର୍‌କେ ପଦକ୍ଷେପ୍ ନିଆଯାଇଛେ । ରେଢ଼ାଖୋଲ୍ ବ୍ଲକ୍ ଅଧୀନ୍‌ଥି ଥିବା ରାମ୍‌ପୁର୍- ଗିରିଶ୍‌ଚନ୍ଦ୍ରପୁର୍, ରାସ୍ତାର୍, ଉନ୍ନତିକରଣ୍ କାମ୍‌କେ ତୁର୍‌ତି କରାଯାଉଛେ । ଯେନ୍‌ଥିର୍ ଲାଗି ଇଲାକା ନ ଯା’ଆସ୍ ବ୍ୟବସ୍ଥା ସୁବିଧାଥି ହେଇପାର୍‌ବା । ଶୁଭାରମ୍ଭ ହେଇଥିବା ପ୍ରକଳ୍ପ ମାନ୍ ସ୍ଥାନୀୟ ସାମାଜିକ୍ ଆଉ ଆର୍ଥିକ୍ ବ୍ୟବସ୍ଥାକେ ବର୍‌କସ୍

କର୍‌ବାର୍ ସହେତେ ଲୋକ୍‌ମାନ୍‌କର୍ ଜୀବନ୍‌ଶୈଲୀଥି ବ୍ୟାପକ୍ ପରିବର୍ତ୍ତନ୍ ଆନ୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।
(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ୟୁନିଟ୍ ୨ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଲୟ ନ ଆଏବା କାଏଲ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ମଦର୍ସ ଡେ ଆର୍‌ଏନ୍‌ୟୁ/ କଟକ୍

ମୁନୁଷର୍ ଜୀବନ୍ ଆର୍ ସମାଜ୍ ଗଢ଼୍‌ବାର୍‌ଥି ମା’ର ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ । ମା’ ମାନ୍‌କର୍ ଉତ୍ସର୍ଗୀକୃତ ଜୀବନ୍‌କେ ସୋର୍ କରିକରି ଆଏଜ୍ ସାରା ପୁର୍‌ଥି ନ ପାଲିତ୍ ହେଉଛେ ମଦର୍ସ ଡେ- ମାତୃଦିବସ୍ । ଫି’ ବଛର୍ ମେ ମାସର୍ ୨ ନମ୍ବର୍ ରଏବାର୍‌ଥି ଇ ଦିନ୍ ପାଲନ୍ କରାଯାଏସି । ୧୯୦୮ ମସିହାଥି ପହେଲାକରି ଆମେରିକାର ପଶ୍ଚିମ ଭର୍ଜିନିଆର ଗ୍ରାଫ୍ଟନ୍ ସହର୍ ନ ଥିବା ସେଂଟ୍ ଆଣ୍ଡ୍ରିୟୁସ୍ ମେଥୋଡିସ୍ ଚର୍ଚ୍ଚ ନ ମାତୃଦିବସ୍ ପାଲନ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମାତୃ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ମାତୃଶକ୍ତିର୍ ସମ୍ମାନ୍, ସୁରକ୍ଷା ଆଉ ସଶକ୍ତିକରଣ୍ ସର୍‌କାର୍‌ଙ୍କର୍ ପହେଲା ପ୍ରାଥମିକତା । ମା’ ଖାଲି ଗୁଟେ ସମ୍ବୋଧନ୍ ନୁହେଁ ଇଟା ଶକ୍ତି, ସଂସ୍କାର୍ ଆଉ ସମାଜ୍ ଗଠନ୍‌ର ଗୁଟେ ମୁଖ୍ୟ ଆଧାର୍ । ଜନମ୍‌ଦାତ୍ରୀ ମା ଆଉ ମାଟି ମାର ଗୌରବ୍ ରକ୍ଷା ଲାଗି ସମ୍‌କୁ ସଂକଳ୍ପବଦ୍ଧ ହେବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍, ସ୍ନେହ, ଶକ୍ତି, ତ୍ୟାଗ ଆଉ ଧୈର୍ଯ୍ୟର ପ୍ରତୀକ ହେଉଛେ ମା’ । ସାରା ମାନବ୍ ଜଗତ୍

ଲାଗି ମା’ ମାନ୍‌କର୍ ଅବଦାନ୍ ଅତୁଳନୀୟ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ସମର୍ କେମ୍ପ୍        ଏନ୍‌ଏସ୍‌ଡି

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଲୟ ତର୍‌ଫୁ ଖରାମାସ୍ ଲାଗି ସବୁ ବିଦ୍ୟାଲୟ ନ ଭାରତୀୟ ଭାଷା, ଗ୍ରୀଷ୍ମକାଳୀନ୍ ଶିବିର୍-୨୦୨୬ ର ଆୟୋଜନ୍ କରାଯାଉଛେ । ଇ ଶିବିର୍ ହପ୍ତେତକ୍ ଚାଲ୍‌ବା ବଲି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ମିଲିଛେ । ଦେଶର୍ ଭିନ୍ ଭିନ୍ ଭାଷାମାନ୍‌କର୍ ଭିତ୍‌ରେ ଆତ୍ମପରିଚୟ, ଶବ୍ଦଗଠନ୍ ଜ୍ଞାନ୍, ନୀତିଦିନିଆ ଜୀବନ୍‌ଥି ବେଭାର୍ ହଉଥିବା କଥାବାର୍ତା ଆର୍ ସାଂସ୍କୃତିକ୍ ଭାବ୍ ବିନିମୟ ହେଉଛେ ଇ ଶିବିର୍ ଆୟୋଜନ୍‌ର ମୁଲ୍ ଉଦ୍ଦେଶ୍ । ଜାତୀୟ ଶିକ୍ଷାନୀତି - ୨୦୨୦ ଆଧାର୍‌ଥି ଭାରତୀୟ ସାଙ୍କେତିକ୍ ଭାଷାକେ ପ୍ରାଧାନ୍ୟ ଦେବାର୍ ଉପ୍‌ରେ ଜୋର୍ ଦିଆଯାଉଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଲାବଛର୍ ଇ ଚେଷ୍ଟା ମୁଲ୍ କରିଥିଲେ ।

ସିପାହୀ ବିଦ୍ରୋହ          ଆର୍ଏନ୍ୟୁ/ କଟକ୍

ଭାରତ୍ ନ ବ୍ରିଟିଂଶ୍ ଉପନିବେଶ୍ବାଦୀ ଶାସନ୍ ବିରୋଧ୍ଥି ୧୮୫୭ ମସିହା ଆଝିର୍ ଦିନେ ଭାରତ୍ର ପହେଲା ସ୍ୱାଧୀନତା ସଂଗ୍ରାମ୍ ସିପାହୀ ବିଦ୍ରୋହ ମୁଲ୍ ହେଇଥିଲା । ମିରଟ୍ ନ ୩ ନମ୍ବର୍ ବଙ୍ଗଲା ଲାଇଟ୍ କାଭାର୍ଲି ର ସୈନିକ୍ମାନେ ଗାଇ ଆଉ ଘୁଷ୍ରୀ ଚର୍ବିଥି ତିଆର୍ କେଟ୍ରିଜ୍ ବେଭାର୍କେ ନେଇକରି ବ୍ରିଟିଂଶ୍ ଅଧିକାରୀମାନ୍କର୍ ବିରୋଧ୍ଥି ବିଦ୍ରୋହ କରିଥିଲେ । ଇଟା ସେମାନ୍କର୍ ଧାର୍ମିକ୍ ଭାବ୍ନାକେ ବାଧା ଦେଉଥିଲା । ଉତର୍ ଆଉ ମଧ ଭାରତ୍ ନ ବ୍ରିଟିଂଶ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ବିରୋଧ୍ଥି ଗୁଟେ ସ୍ଥାନୀୟ ବିଦ୍ରୋହ ଧୀରେ ଧୀରେ ଗୁଟେ ବଡ଼ ଆନ୍ଦୋଲନ୍ଥି ବଦ୍ଲିଥିଲା ଆଉ ଭାରତ୍ର ସ୍ୱାଧୀନତା ପାଏବାର୍ ରାସ୍ତାକେ ଆହୁରି ପଏର୍ଛା କରିଥିଲା ।

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୮୫୭ ମସିହା ସିପାହୀ ବିଦ୍ରୋହର୍ ବୀର୍ ସୈନିକ୍ମାନ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ଇଟା ଭାରତ୍ର ପହେଲା ସ୍ୱାଧୀନତା ସଂଗ୍ରାମ୍ ବଲି କହିଛନ୍ ।

ରତ୍ନଭଣ୍ଡାର୍           ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ ଥିବା ରତ୍ନ ଅଲଙ୍କାର୍ ମାନ୍‌କର୍ ଗନ୍‌ତିମନ୍‌ତି କାମ୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ୨ ଦିନ୍ ଧରିକରି ଇ ଗନ୍‌ତି କାମ୍ କରାଯିବା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ଅଖୟତୃତୀୟା ଦିନୁ ମାହାପୁରୁମାନ୍‌କର୍ ବାହାର ଚନ୍ଦନ୍ ଯାତ୍ରା ଲାଗି ଇ କାମ୍ ସ୍ଥଗିତ୍ ରଖାଯାଇଥିଲା ।

ଭିତର୍ ଚନ୍ଦନ୍ ଯାତ୍ରା       ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁମାନ୍‌କର୍ ବାହାର ଚନ୍ଦନ୍ ଯାତ୍ରା ଆଏଜ୍ ଶେଷ୍ ହେଉଛେ । ଅଖୟତୃତୀୟା ଠାନୁ ମୁଲ୍ ହେଇଥିବା ବାହାର ଚନ୍ଦନ୍ ଯାତ୍ରାର୍ ଶେଷ୍ ଦିନେ ଆଏଜ୍ ନରେନ୍ଦ୍ର ପୁଷ୍କରିଣୀ ନ ମାହାପୁରୁମାନ୍‌କର୍ ହଲ୍‌ଦୀପାଣି ନୀତି କରାଯିବା । ଗଲା ସଞ୍ଜେ ଭଉଁରୀ ତିଥି ଅବ୍‌ସରେ ମାହାପୁରୁମାନ୍‌କର୍ ତଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀ ନ ୨୧

ଘେରା ଜଳକ୍ରୀଡ଼ା କରିଥିଲେ । ଆଏବା କାଏଲ୍‌ନୁ ମନ୍ଦିର୍ ଭିତ୍‌ରେ ମାହାପୁରୁମାନ୍‌କର୍ ଭିତର୍ ଚନ୍ଦନ୍ ଯାତ୍ରା ମୁଲ୍ ହେବା ।

ଶୀତଲ୍‌ଷଷ୍ଠୀ ଯାତ୍ରା-ବୈଠକ୍ ହି.ସ.

ସମ୍ବଲ୍‌ପୁର୍ ସହରେ ଆଏବା ଦିନେ ହେବାର୍‌କେ ଥିବା ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଆଏଜ୍ ସାର୍କିଟ୍ ହାଉସ୍ ଠାନେ ଗୁଟେ ପ୍ରାକ୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ପ୍ରଶାସନ୍, ପୁଲିସ୍ ପ୍ରଶାସନ୍ ଆଉ ଶୀତଲ୍‌ଷଷ୍ଠୀ ଯାତ୍ରା ସମନ୍ୱୟ ସମିତିର୍ ସଦସ୍ୟମାନେ ଯୋଗ୍ ଦେଇକରି ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଇ ବଛର୍ ଶାନ୍ତିଶୃଙ୍ଖଲାର୍ ସହେତେ ଯାତ୍ରାକେ ପାଲନ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାର୍ ପାଖର୍ ଇଲାକା ନ ହେଇଥିବା ଘୂର୍ଣ୍ଣିବଳୟ ଲଘୁଚାପ୍‌ଥି ବଦ୍‌ଲିବାର୍ ସମ୍ଭାବନା ରହିଛେ ।  ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷାର୍ ପରିମାଣ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୧୭ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।  ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ରେକର୍ଡ଼ କରାଯାଇଛେ । ବର୍‌ଗଡ଼୍ ନ ସବୁନୁ ଜହ ୪୨ ଦଶ୍‌ମିକ୍ ୪ ମିଲିମିଟର୍ ବର୍ଷା ହେଇଥିବାର୍ ବେଲେ କେନ୍ଦୁଝର୍ ଘଷିପୁରା ଠାନେ ୩୭ ଦଶ୍‌ମିକ୍ ୨ ମିଲିମିଟର୍ ଆଉ ସୁନ୍ଦର୍‌ଗଡ଼୍‌ର ଲାଠିକଟା ନ ୩୨ ଦଶ୍‌ମିକ୍ ଶୂନ୍ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ ।